# NATIONAL NEWS BULLETIN (ODIA)

## 3 January - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ସମଗ୍ର ବିଶ୍ୱରେ ବୌଦ୍ଧ ଐତିହ୍ୟ ସ୍ଥଳୀଗୁଡ଼ିକର ବିକାଶ ଲାଗି ଭାରତର ନିରନ୍ତର ପ୍ରୟାସ ଜାରି; କହିଲେ ପ୍ରଧାନମନ୍ତ୍ରୀ
- ବାରଣାସୀଠାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ୭୨ତମ ଜାତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ
- ମୋବାଇଲ ନିର୍ମାଣ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି; ସୂଚନା ଦେଲେ କେନ୍ଦ୍ର ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ
- ରାଜଧାନୀ କାର୍‌କାସ ଉପରେ ଆମେରିକାର ଆକ୍ରମଣକୁ ଭେନେଜୁଏଲା ଓ ରୁଷିଆର ସମାଲୋଚନା

ଏବଂ

- ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କଲା ବିସିସିଆଇ

# ପିଏମ୍-ରେଲିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ରାଇ ପିଥୋରା ସାଂସ୍କୃତିକ କମ୍ପ୍ଲେକ୍ସରେ **'ଭଗବାନ ବୁଦ୍ଧ: ଆଲୋକ ଏବଂ ପଦ୍ମ: ରାୟ ପିଥୋରାରେ ଜାଗ୍ରତ ବ୍ୟକ୍ତିଙ୍କ ଅବଶେଷ'** ଶୀର୍ଷକ ଅନ୍ତର୍ଜାତୀୟ ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୧ ଶହ ୨୫ ବର୍ଷର ପ୍ରତୀକ୍ଷା ପରେ ଭାରତର ଐତିହ୍ୟ ଏବଂ ପରମ୍ପରା ଫେରି ଆସିଛି । ଶ୍ରୀ ମୋଦୀ କହିଛନ୍ତି, ଆଜିଠାରୁ ଦେଶର ଲୋକମାନେ ଭଗବାନ ବୁଦ୍ଧଙ୍କ ଏହି ପବିତ୍ର ଅବଶେଷର ପବିତ୍ର ଦର୍ଶନ କରିପାରିବେ ଏବଂ ତାଙ୍କର ଦିବ୍ୟ ଆଶୀର୍ବା ଗ୍ରହଣ କରିପାରିବେ ।

ଶ୍ରୀ ମୋଦୀ କହିଛନ୍ତି, ଯେଉଁମାନେ ଭଗବାନ ବୁଦ୍ଧଙ୍କ ଅବଶେଷ ନେଇଯାଇଥିଲେ ସେମାନେ ସେଗୁଡ଼ିକୁ ଅନ୍ତର୍ଜାତୀୟ ବଜାରରେ ନିଲାମ କରିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ଭାରତ ପାଇଁ ଏହି ଅବଶେଷଗୁଡ଼ିକ ସେମାନଙ୍କର ଭଗବାନ ଏବଂ ସମାଜର ଅଂଶବିଶେଷ ସ୍ୱରୂପ । ସେ କହିଛନ୍ତି, ସେଥିପାଇଁ ସରକାର ସେମାନଙ୍କ ନିଲାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଭାରତ କେବଳ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷର ରକ୍ଷକ ନୁହେଁ, ବରଂ ସେହି କାଳଜୟୀ ପରମ୍ପରାର ଜୀବନ୍ତ ବାହକ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ପାଇଁ ଭଗବାନ ବୁଦ୍ଧଙ୍କ ପବିତ୍ର

ଅବଶେଷ କେବଳ କଳାକୃତି ନୁହେଁ, କାରଣ ଏହା ଦେଶର ସମ୍ମାନୀୟ ଐତିହ୍ୟର ଏକ ଅଂଶବିଶେଷ ଏବଂ ଏହାର ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭଗବାନ ବୁଦ୍ଧଙ୍କ ଦ୍ୱାରା ପ୍ରଦର୍ଶିତ ଜ୍ଞାନ ଏବଂ ମାର୍ଗ ସମଗ୍ର ମାନବଜାତିର ବୋଲି ସେ କହିଛନ୍ତି। **V/O–PM**

ବୌଦ୍ଧ ଐତିହ୍ୟ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱରେ ବୌଦ୍ଧ ଐତିହ୍ୟ ସ୍ଥଳଗୁଡ଼ିକର ବିକାଶ ଦିଗରେ ଯୋଗଦାନ କରିବା ଲାଗି ଭାରତ ନିରନ୍ତର ପ୍ରୟାସ କରିଆସୁଛି। ସେ କହିଛନ୍ତି, ଆଜି ବୌଦ୍ଧ ସ୍ଥଳଗୁଡ଼ିକର ଆଧୁନିକୀକରଣ କରାଯାଉଛି ଏବଂ ତୀର୍ଥଯାତ୍ରୀମାନଙ୍କ ପାଇଁ ନୂତନ ସୁବିଧା ନିର୍ମାଣ କରାଯାଉଛି। ଶ୍ରୀ ମୋଦୀ କହିଥିଲେ ଯେ ଭଗବାନ ବୁଦ୍ଧଙ୍କ ଶିକ୍ଷା ମୂଳତଃ ପାଲି ଭାଷାରେ ରହିଛି ଏବଂ ତାଙ୍କ ସରକାରଙ୍କ ପ୍ରୟାସ ହେଉଛି ପାଲିକୁ ବ୍ୟାପକ ଭାବେ ଦର୍ଶକଙ୍କ ନିକଟରେ ପହଞ୍ଚାଇବା। ସେ କହିଥିଲେ, ଏଥିପାଇଁ ପାଲିକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି।

## ପିଏମ୍–ବାରଣାସୀ ଟୁର୍ଣ୍ଣାମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବାରାଣସୀଠାରେ ୭୨ତମ ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବେ। ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟ ଏବଂ ଅନୁଷ୍ଠାନରୁ ଆସିଥିବା ୫୮ଟି ଦଳରୁ ୧ ହଜାରରୁ ଅଧିକ ଖେଳାଳି ଅଂଶଗ୍ରହଣ

କରିବେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଭଲିବଲ ପ୍ରତିଯୋଗିତା, କ୍ରୀଡ଼ାବିତ୍ ଏବଂ ଉଚ୍ଚମାନର ପ୍ରତିଭା ପ୍ରଦର୍ଶିତ ହେବ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସହରରେ କ୍ରୀଡ଼ା ବିକାଶକୁ ପ୍ରୋତ୍ସାହନ କରିବ। ସାଂସ୍କୃତିକ ଏବଂ କ୍ରୀଡା ପଦକ୍ଷେପ ଆୟୋଜନ କରିବାରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରମୁଖ ଭୂମିକା ଗ୍ରହଣ କରିବା ଜାତୀୟ କାର୍ଯ୍ୟକ୍ରମର ଏକ ହବ୍ ଭାବରେ ସହରର ଆଭିମୁଖ୍ୟକୁ ବୃଦ୍ଧି କରିବ।

## ଇସି– ଇସିଆଇନେଟ୍

ନିର୍ବାଚନ ଆୟୋଗ ସମସ୍ତ ନାଗରିକଙ୍କୁ **ECINet** ଆପ୍ ଡାଉନଲୋଡ୍ କରିବା ଲାଗି ଏବଂ ଏହି ଆପରେ **'Submit a Suggestion'** ଟ୍ୟାବ ବ୍ୟବହାର କରି ନିଜର ମତାମତ ଦେବାକୁ ଆମନ୍ତ୍ରଣ କରିଛନ୍ତି। ଚଳିତ ମାସର ୧୦ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ମତାମତ ଏହି ଟ୍ୟାବ୍ ମାଧ୍ୟମରେ ଦେଇପାରିବେ। **ECINet** ଆପ୍ ହେଉଛି ନାଗରିକମାନଙ୍କ ପାଇଁ ଏକ ଏକକ, ଏକୀକୃତ ଆପ୍ ଯାହା ନିର୍ବାଚନ ସମ୍ବନ୍ଧୀୟ ପୂର୍ବବର୍ତ୍ତୀ ୪୦ଟି ପୃଥକ ଆପ୍ଲିକେସନ୍, ଯେପରିକି ଭୋଟର ହେଲ୍ପଲାଇନ୍ ଆପ୍, ସି.ଭିଜିଲ୍, ସକ୍ଷମ, ପୋଲିଂ ଟ୍ରେଣ୍ଡ୍ସ ଏବଂ ନୋ ୟୋର କ୍ୟାଣ୍ଡିଡେଟ୍ ଆପ୍‌କୁ ଗୋଟିଏ ଇଣ୍ଟରଫେସରେ ଏକୀକୃତ କରିଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ **ECINet** ହେଉଛି ଏକ ପ୍ରମୁଖ ପଦକ୍ଷେପ। ଗତ ବର୍ଷ ମେ' ମାସରେ ଏହି

ଆପ୍ ସମ୍ପର୍କରେ ଘୋଷଣା କରାଯିବା ପରେ **ECINet** ଆପର ବିକାଶ ଉପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। **ECINet** ଆପ୍‌ର ପରୀକ୍ଷଣ ସଂସ୍କରଣରେ ମତଦାନ ଶେଷ ହେବାର ୭୨ ଘଣ୍ଟା ମଧ୍ୟରେ ଉନ୍ନତ ଭୋଟର ସେବା, ମତଦାନ ପ୍ରତିଶତ ଧାରାର ତ୍ୱରିତ ଉପଲବ୍ଧତା ଏବଂ ସୂଚକାଙ୍କ କାର୍ଡ ପ୍ରକାଶନ କରିବାରେ ସକ୍ଷମ ହୋଇଥାଏ।

## ବୈଷ୍ଣବ- ପଞ୍ଚ ପରିବର୍ତ୍ତନ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଫୋର୍-ଜି ଏବଂ ଫାଇଭ୍-ଜି ନେଟୱାର୍କ ବ୍ୟବସ୍ଥା, ସେମିକଣ୍ଡକ୍ଟର ଚିପ୍ ଏବଂ ଟେଲି ଯୋଗାଯୋଗ ଯନ୍ତ୍ରାଂଶ କ୍ଷେତ୍ରରେ ବ୍ୟାପକ ଉନ୍ନତି ପରିଲକ୍ଷିତ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ଶ୍ରୀକାନ୍ତ ଶଙ୍କର ଯୋଶୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ ଆଜି ଆୟୋଜିତ ପଞ୍ଚ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ନିର୍ମାଣ କ୍ଷେତ୍ରରେ ଦେଶର ଆଖିଦୃଶିଆ ଅଭିବୃଦ୍ଧି ଘଟିଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ସେ କହିଛନ୍ତି, ୧୧ ବର୍ଷ ପୂର୍ବରୁ ବିଦେଶରୁ ୯୯ ପ୍ରତିଶତ ମୋବାଇଲ ଫୋନ୍ ଆମଦାନୀ କରାଯାଉଥିବା ବେଳେ ବର୍ତ୍ତମାନ ତନ୍ମଧ୍ୟରୁ ୯୯ ପ୍ରତିଶତ ମୋବାଇଲ ଫୋନ୍ ଭାରତରେ ନିର୍ମାଣ କରାଯାଉଛି। ଦେଶ ବର୍ତ୍ତମାନ ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକୁ ଟେଲି ଯୋଗାଯୋଗ ଯନ୍ତ୍ରାଂଶ ରପ୍ତାନୀ

କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।  ଶ୍ରୀ ବୈଷ୍ଣବ କହିଛନ୍ତି, ୫ ହଜାର ବର୍ଷ ପ୍ରାଚୀନ ସାଂସ୍କୃତିକ ଐତିହ୍ୟର 'ପଞ୍ଚ ପରିବର୍ତ୍ତନ' ଭାରତର ମୂଲ୍ୟବୋଧକୁ ଦର୍ଶାଉଛି। ସେ କହିଛନ୍ତି, ସଂଗଠିତ ଅର୍ଥନୈତିକ କାର୍ଯ୍ୟକଳାପ ଆରମ୍ଭ ହେବା ପରଠାରୁ ଦୀର୍ଘ ୨ ହଜାର ବର୍ଷ ଧରି ଭାରତ ବିଶ୍ୱର ବୃହତ୍ତମ ଅର୍ଥନୈତିକ ଶକ୍ତିଭାବେ ରହି ଆସିଛି। ୨୦୪୭ ମସିହା ସୁଦ୍ଧା ଭାରତ ନିଶ୍ଚିତ ଭାବେ ବିକଶିତ ଭାରତରେ ପରିଣତ ହେବା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର ଯୁବଗୋଷ୍ଠୀ ଏବଂ ଉନ୍ନୀତ ପ୍ରଯୁକ୍ତିବିଦ୍ୟା ଭାରତକୁ ବିଶ୍ୱ ମଞ୍ଚରେ ଶ୍ରେଷ୍ଠ ପ୍ରତିପାଦିତ କରିବ।

## ବନ୍ଦେ ଭାରତ ସ୍ଲିପର- ବୈଷ୍ଣବ

କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଅନୁଧ୍ୟାନ କରିଛନ୍ତି। ଗଣମାଧ୍ୟମ ସହ କଥାବାର୍ତ୍ତା କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଟ୍ରେନ୍ ରାତିସାରା ଏବଂ ଦୀର୍ଘ ଦୂରତା ଯାତ୍ରା ପାଇଁ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ମନ୍ତ୍ରୀ କହିଛନ୍ତି, ଚଳିତ ମାସର ଦ୍ୱିତୀୟାର୍ଦ୍ଧରେ ଗୁଆହାଟୀ ଏବଂ କୋଲକାତା ମଧ୍ୟରେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ସ୍ଲିପର ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ, ଯାହା ଭାରତୀୟ ରେଳବାଇ ଅଧୀନରେ ଦୀର୍ଘ ଦୂରତା ରେଳ ଯାତ୍ରାରେ ଏକ ପ୍ରମୁଖ ଉନ୍ନତିକରଣକୁ ଚିହ୍ନଟ କରିବ। ସେ କହିଛନ୍ତି, ବନ୍ଦେ ଭାରତ ସ୍ଲିପର ଭାରତର ସେମି-ହାଇ-ସ୍ପିଡ୍ ରେଳ ପରିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟକୁ ଚିହ୍ନଟ କରେ। ଏହା ଦ୍ରୁତ ଯାତ୍ରା, ଉନ୍ନତ ଆରାମଦାୟକ

ବ୍ୟବସ୍ଥା ଏବଂ ଆଧୁନିକ ସୁରକ୍ଷା ବ୍ୟବସ୍ଥାର ପ୍ରତିଶ୍ରୁତି ଦେଇଥାଏ। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଟ୍ରେନ୍‌ରେ ଆରାମଦାୟକ ସ୍ଲିପର ବର୍ଥ, ସ୍ୱୟଂଚାଳିତ ଦ୍ୱାର ଏବଂ ଆଧୁନିକ ଶୌଚାଳୟ ସମେତ ଅତ୍ୟାଧୁନିକ ଯାତ୍ରୀ ସୁବିଧା ରହିଛି।

**V/O– Aswhini Baishanb**

## ଟ୍ରମ୍ପ– ଭେନେଜୁଏଲା

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇ ଦେଶ ବାହାରକୁ ପଠାଇ ଦିଆଯାଇଛି। ଆଜି ସକାଳେ ଆମେରିକା ପକ୍ଷରୁ ଭେନେଜୁଏଲା ଉପରେ ଆକ୍ରମଣ କରାଯାଇଥିଲା। ଆଜି ସକାଳେ ଭେନେଜୁଏଲା ରାଜଧାନୀ କାରାକାସରେ ଅନେକ ବଡ଼ ବିସ୍ଫୋରଣ ହୋଇଥିଲା। ଭେନେଜୁଏଲା ପକ୍ଷରୁ ଆମେରିକା ନେତୃତ୍ୱାଧୀନ ଟ୍ରମ୍ପ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଛି। ଏହାକୁ ଅତ୍ୟନ୍ତ ଗୁରୁତର ସାମରିକ ପଦକ୍ଷେପ ବୋଲି କୁହାଯାଇଛି। ଇତି ମଧ୍ୟରେ କଲମ୍ବିଆର ବୋଗୋଟାରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଭେନେଜୁଏଲା କିମ୍ବା ଏହାର ସୀମାବର୍ତ୍ତୀ ଅଞ୍ଚଳକୁ ପ୍ରବେଶ ନ କରିବା ପାଇଁ ଯାତ୍ରା ନ କରିବା ଲାଗି ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ରୁଷିଆ’ ଭେନେଜୁଏଲା ଉପରେ ଆମେରିକାର ସାମରିକ ଆକ୍ରମଣକୁ ନିନ୍ଦା କରିଛି। ରୁଷିଆର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି,

ଭେନେଜୁଏଲା ବିରୁଦ୍ଧରେ ଆମେରିକାର ଏପରି ସାମରିକ କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ। ଏପରି କାର୍ଯ୍ୟରୁ ଆମେରିକା ବିରତ ରହିବା ପାଇଁ ଚେତାବନୀ ଦିଆଯାଇଛି। ମୋସ୍କୋ ଏ କ୍ଷେତ୍ରରେ ହସ୍ତକ୍ଷେପ କରି ଆଲୋଚନା ଏବଂ କୂଟନୈତିକ ସ୍ତରରେ ପଦକ୍ଷେପ ଗ୍ରହଣ ଦିଗରେ ସମର୍ଥନ ଦେବାକୁ ପ୍ରସ୍ତୁତ ଥିବା କହିଛି।

## ତେଲଙ୍ଗାନା– ମାଓଇଷ୍ଟ ସରେଣ୍ଡର୍ଡ

ହାଇଦ୍ରାବାଦରେ ତେଲେଙ୍ଗାନା ପୋଲିସ ମହାନିର୍ଦ୍ଦେଶକ ଶିବଧର ରେଡ୍ଡୀଙ୍କ ନିକଟରେ ବେଆଇନ ଘୋଷିତ ପିପୁଲ୍ସ ଲିବରେସନ୍ ଗରିଲା ଆର୍ମି ବାଟାଲିଅନ୍ କମାଣ୍ଡର ଏବଂ ତେଲେଙ୍ଗାନା କମିଟି ସଦସ୍ୟଙ୍କ ସମେତ ମୋଟ ୨୦ ଜଣ ମାଓବାଦୀ  ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କଠାରୁ ଆମେରିକା ନିର୍ମିତ କୋଲ୍ଟ ରାଇଫଲ ଏବଂ ଇସ୍ରାଏଲ ନିର୍ମିତ ଟାଭୋରାଇଫଲ, ଏ.କେ.-୪୭, ଇନ୍ସାସ୍ ରାଇଫଲ  ସମେତ ମୋଟ ୪୮ଟି ଅସ୍ତ୍ରଶସ୍ତ୍ର ଏବଂ ବହୁ ପରିମାଣର  ଗୁଳିଗୋଳା ଜବତ କରାଯାଇଛି। ମାଓବାଦୀ ଥଇଥାନ କାର୍ଯ୍ୟର ଅଂଶସ୍ୱରୂପ ପୋଲିସ ପକ୍ଷରୁ ମୋଟ ୧ କୋଟି ୮୧ ଲକ୍ଷ ୯୦ ହଜାର ଟଙ୍କା ପୁରସ୍କାର ଘୋଷଣା କରାଯାଇଛି ଏବଂ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ତୁରନ୍ତ ସହାୟତା ରାଶି ପ୍ରଦାନ କରାଯାଇଛି।

# କ୍ରିକେଟ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ–ବି.ସି.ସି.ଆଇ. ପକ୍ଷରୁ ନ୍ୟୁଜିଲାଣ୍ଡ ବିପକ୍ଷ ଜାନୁଆରୀ ୧୧ରୁ ଆରମ୍ଭ ହେବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ଆଜି ଭାରତୀୟ ଦଳ ଘୋଷଣା କରାଯାଇଛି । ଏଥିରେ ଶୁବମନ ଗିଲ ଅଧିନାୟକ ଏବଂ ଶ୍ରେୟସ ଆୟରଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି । ଆଗାମୀ ନ୍ୟୁଜିଲାଣ୍ଡ ସହ ଟି-ଟ୍ୱେଣ୍ଟି ଏବଂ ଟି-୨୦ ବିଶ୍ୱକପ୍ ପାଇଁ ଇଶାନ କିଶନ ମନୋନୀତ ହେବା ସତ୍ତ୍ୱେ ଋଷଭ ପନ୍ତ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି ।  ବିରାଟ କୋହଲି ଏବଂ ରୋହିତ ଶର୍ମା ମଧ୍ୟ ସାମିଲ ଅଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ କେ.ଏଲ. ରାହୁଲ, ୱାଶିଂଟନ୍ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ୍ ରାଣା, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ୍ ଯାଦବ, ନିତୀଶ କୁମାରେଡ୍ଡୀ, ଅର୍ଶଦୀପ ସିଂହ, ଯଶସ୍ୱୀ ଜୟସୱାଲ ରହିଛନ୍ତି ।